ISSN -2583-147X(P), Vol.- 8, Issue No. VI, September 2022
Bastabatara Pariprakash Prachee
*Peer Reviewed and Referred Research Journal*

# 'ପେଟେଣ୍ଟ ମେଡ଼ିସିନ୍'ର ନାଟ୍ୟ ରୂପାନ୍ତର : ଏକ ତୁଳନାତ୍ମକ ଅଧ୍ୟୟନ

ଜ୍ଞାନରଂଜନ ତ୍ରିପାଠୀ

ସାହିତ୍ୟରେ ତୁଳନାତ୍ମକ ଅଧ୍ୟୟନର ଅର୍ଥ ହେଉଛି, ଗୋଟିଏ ଭାଷାର ସାହିତ୍ୟ କୃତିକୁ ସେହି ଭାଷା ଅଥବା ଅନ୍ୟ ଏକ ଭାଷାର ସାହିତ୍ୟ କୃତି ସହ ପରଖି ସାଦୃଶ୍ୟ-ବୈଶାଦୃଶ୍ୟ ନିରୂପଣ କରିବା । ୧୯୧୩ ମସିହାରେ ଫକୀରମୋହନ ସେନାପତିଙ୍କ ଦ୍ୱାରା ରଚିତ 'ପେଟେଣ୍ଟ ମେଡ଼ିସିନ୍' ଗଳ୍ପଟି 'ଉତ୍କଳ ସାହିତ୍ୟ' ପତ୍ରିକାରେ ଆତ୍ମପ୍ରକାଶ କରିଥିଲା । ସମକାଳୀନ ସମାଜରେ ପାଠୁଆ ବାବୁମାନଙ୍କର ସାହେବୀ ହେବା ନିଶାରେ ମଦ, ମାଂସ, ବେଶ୍ୟା ଆଦି ପ୍ରତି ଆକୃଷ୍ଟ ହୋଇ ନୈତିକତା ହରାଇ ବସିବା, ଆଉ ଏହାର ପ୍ରତିକାର ସ୍ୱରୂପ ଘରଣୀଙ୍କ ଅବ୍ୟର୍ଥ ଔଷଧ ଝାଡୁ ପାହାର ଖାଇବା ପ୍ରସଙ୍ଗ ଗଳ୍ପଟିରେ ବର୍ଣ୍ଣିତ ହୋଇଛି ।

ଚନ୍ଦ୍ରମଣି ବାବୁ ଓ ସୁଲୋଚନା ଦେବୀଙ୍କୁ କେନ୍ଦ୍ରକରି ଗଢ଼ିଉଠିଥିବା ଏହି କାହାଣୀଟିକୁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ରୁଚିରେ ରୂପାନ୍ତରିତ କରାଯାଇଛି । ସେଥିମଧ୍ୟରୁ ଗୋବିନ୍ଦ ଚନ୍ଦ୍ର ଶୂରଦେଓ ଓ ଗୋପାଳ ଛୋଟରାୟଙ୍କ ଦ୍ୱାରା ରୂପାନ୍ତରିତ ହୋଇଥିବା ନାଟକଗୁଡ଼ିକୁ ପ୍ରବନ୍ଧରେ ମୂଳଗଳ୍ପ ସହିତ ତୁଳନା କରାଯାଇଛି ।

**'ପେଟେଣ୍ଟ ମେଡ଼ିସିନ୍'ର ରୂପାନ୍ତର :**

ସାହିତ୍ୟ କୃତିଟିଏ ଯେତେବେଳେ ଗୋଟିଏ ଆଙ୍ଗିକରୁ ଆଉ ଗୋଟେ ଆଙ୍ଗିକରେ ରୂପପାଏ, ସେତେବେଳେ ତାହାକୁ ରୂପାନ୍ତର କୁହାଯାଏ । ନାଟକରେ ଏପରି ହେଲେ ତାହାକୁ 'ରୂପାନ୍ତରିତ ନାଟକ' କୁହାଯାଏ । 'ପେଟେଣ୍ଟ ମେଡ଼ିସିନ୍' ଗଳ୍ପର ପାଠକୀୟତା ଓ ନାଟକୀୟତାକୁ ଦୃଷ୍ଟିରେ ରଖି ଗୋବିନ୍ଦ ଚନ୍ଦ୍ର ଶୂରଦେଓ ପ୍ରଥମେ 'ତାରାବାଈ ଫାର୍ସ' ନାମରେ ନାଟ୍ୟ ରୂପାନ୍ତର କଲେ, ପରେ ଗୋପାଳ ଛୋଟରାୟ 'ଶ୍ରୀମତୀ ସଂମାର୍ଜନୀ' ଗୀତିନାଟ୍ୟ ଓ 'ବାବୁ ଚନ୍ଦ୍ରମଣି' ମଞ୍ଚନାଟକ ଲେଖିଥିଲେ । ନିମ୍ନରେ ଏଗୁଡ଼ିକୁ ବିଶ୍ଳେଷଣ କରାଯାଇପାରେ ।

**ଫାର୍ସ :**

ଫାର୍ସ ହେଉଛି କମେଡ଼ି ଶ୍ରେଣୀୟ ନାଟକ । ଏହାର କଥାବସ୍ତୁ ଲଘୁହାସ୍ୟ କିମ୍ବା ଅତିହାସ୍ୟ ଭିତ୍ତିକ ହୋଇଥିବା ବେଳେ ସଂଗୀତ ଏହାର ପ୍ରମୁଖ ଉପାଦାନ । ହାସ୍ୟରସ ସହ ଶୃଙ୍ଗାରିକତା ମଧ୍ୟ ଏଥିରେ ଗ୍ରହଣୀୟ । ଶସ୍ତା ଆନନ୍ଦ ସାଙ୍ଗକୁ ଅଯଥା ଉତ୍ତେଜନା ସୃଷ୍ଟି ନିମନ୍ତେ ଅଶ୍ଳୀଳ ଶବ୍ଦର ପ୍ରୟୋଗ ଫାର୍ସର ଅନ୍ୟତମ ବିଭାଗ ।

ଆଲୋଚିତ 'ପେଟେଣ୍ଟ ମେଡ଼ିସିନ୍' ଗଳ୍ପଟିକୁ ଶୂରଦେଓ ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ବା ତାଙ୍କ କଟକ ରହଣୀ ସମୟରେ ଫାର୍ସର ରୂପ ଦେଉଛନ୍ତି । ଏହାର ନାମ ରଖିଛନ୍ତି 'ପେଟେଣ୍ଟ ମେଡ଼ିସିନ୍' ବା 'ତାରାବାଈ ଫାର୍ସ' । ଫକୀରମୋହନଙ୍କ ଏହି ଗଳ୍ପଟିକୁ ଶୂରଦେଓ ପ୍ରବନ୍ଧ ମନେ କରିଛନ୍ତି । ନିବେଦନରେ ସ୍ଥାନିତ ଅଭିମତଟିକୁ ଦୃଷ୍ଟିଦେଲେ ଏହା ସ୍ପଷ୍ଟ ହୁଏ ।

"ଉତ୍କଳ ହିତୈଷୀ ପୂଜ୍ୟପାଦ ପ୍ରବୀଣ ଶ୍ରୀ ଫକୀରମୋହନ ସେନାପତି ମହୋଦୟ ଉତ୍କଳ ସାହିତ୍ୟରେ 'ପେଟେଣ୍ଟ ମେଡ଼ିସିନ୍' ନାମାଙ୍କିତ ଗୋଟିଏ ହାସ୍ୟୋଦ୍ଦୀପକ ପ୍ରବନ୍ଧ ଲେଖିଥିଲେ । ତାହା ପ୍ରବନ୍ଧ ଲେଖକଙ୍କ ଅନୁମତି ଅନୁସାରେ ବର୍ତ୍ତମାନ ପ୍ରହସନାକାରେ ପ୍ରକାଶ କଲି । ପ୍ରହସନଟି ପାଠକ-ପାଠିକା ବର୍ଗଙ୍କ କ୍ରିୟଦୂର ଚିତ୍ତାକର୍ଷକ ହେବ । ତାହା କହିବା ମୋର କ୍ଷମତାତୀତ । ଅତଏବ ଦୋଷ ମାର୍ଜନା ନିମନ୍ତେ ସମସ୍ତଙ୍କ ଠାରେ କ୍ଷମା ପ୍ରାର୍ଥନା କରୁଅଛି । ଇତି ନିବେଦକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଶୂରଦେଓ ।" (ଶୂରଦେଓଙ୍କ କାନ୍‌ଭାସ୍ - ପୃଷ୍ଠା-୨୪୮)

ଏଠାରେ ଶୂରଦେଓ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ଗଦ୍ୟ ଆଙ୍ଗିକ କ୍ଷୁଦ୍ରଗଳ୍ପ ସଂପର୍କରେ ଅଜ୍ଞ ଥିଲେ । ଯେଉଁଥିପାଇଁ ସେ ପାଶ୍ଚାତ୍ୟ ଅନୁସୃତ ଗଳ୍ପ ଆଙ୍ଗିକକୁ ଗ୍ରହଣ କରିପାରି ନାହାନ୍ତି ବରଂ ଦେଶୀୟ ଶୈଳୀରେ ଫାର୍ସର ରୂପ ଦେଇଛନ୍ତି । ନାଟକଟିର ଆରମ୍ଭ ହେଉଛି ତାରାବାଈର ଗୀତରୁ, ସେ ଗୀତ ଗାଇ ଗାଇ ମଞ୍ଚ ପ୍ରବେଶ କରିଛି । ପରେ ନିଜର ପରିଚାରିକାକୁ କେତେକ ଆଦେଶ ଦେବା

ସହିତ ବାବୁ ଚନ୍ଦ୍ରମଣିଙ୍କ ପାଖକୁ କିପରି ଖବର ପହଞ୍ଚିବ ସେ ପ୍ରସଙ୍ଗ ଉଠାଇଛି । ଫାର୍ସଟିର ନାମକରଣ ଯେହେତୁ ତାରାବାଇଙ୍କୁ କେନ୍ଦ୍ର କରୁଛି, ସେଥିପାଇଁ 'ତାରାବାଇ' ପ୍ରସଙ୍ଗଟିକୁ ନାଟ୍ୟକାର ଆରମ୍ଭରୁ ଆଣୁଛନ୍ତି । ଯେତେବେଳେ କି ଫକୀରମୋହନ ସୁଲୋଚନା ଦେବୀଙ୍କ ଠାରୁ କାହାଣୀ ଆରମ୍ଭ କରିଛନ୍ତି ।

**ଗୀତିନାଟ୍ୟ :**

ଯେଉଁ ନାଟକରେ ସଂଗୀତ ସଂଳାପ ଭାବରେ ପାତ୍ରପାତ୍ରୀଙ୍କ ମନୋଭାବକୁ ପ୍ରକାଶ କରିବାରେ ଅଧିକ ସହାୟ ହୁଏ, ତାହା ହେଉଛି ଗୀତିନାଟ୍ୟ । 'ଶ୍ରୀମତୀ ସଂମାର୍ଜନୀ' ଗୀତିନାଟ୍ୟଟି ଗୋପାଳ ଛୋଟରାୟଙ୍କ ଦ୍ୱାରା ପୁସ୍ତକ ଆକାରରେ ୧୯୭୪ରେ ପ୍ରଥମେ ପ୍ରକାଶ ପାଇଥିଲେ ବି ଏହା ପୂର୍ବରୁ ବେତାର ନାଟକ ରୂପେ ଖୁବ୍ ପରିଚୟ ପାଇ ସାରିଥିଲା । ନାଟକଟି ବାବୁ ଚନ୍ଦ୍ରମଣିଙ୍କ ଠାରୁ ଆରମ୍ଭ ହୋଇଥିଲେ ବି ସାଆନ୍ତାଣୀଙ୍କ ଗୁରୁତ୍ୱ ବାବୁଙ୍କ ଗୀତରୁ ଅଧିକ ସ୍ପଷ୍ଟ ହେଉଛି ।

(ଆରେ) ବାବୁ ହୋଇ ଯେବେ କାବୁ କଲା ମତେ
ମୋ ଘରେ ମୋହରି ଭାରିଯା
ଚନ୍ଦ୍ରମଣି ତୁ ମରିଯା,
x x x
ମୋହ ଘରେ ମୋତେ ହୁକୁମ କରୁଛି
ବସିଯା - ଉଠିଯା
ଚାଲିଯା - ରହିଯା, ଯା, ଯା, ଯା ଯା ...
(ଶ୍ରୀମତୀ ସଂମାର୍ଜନୀ - ପୃଷ୍ଠା-୨)

ଗୀତିନାଟ୍ୟଟି ବେତାରଧର୍ମୀ ହୋଇଥିବା ହେତୁ ଏହାର ସମୟ ଅବଧିକୁ ସଂକ୍ଷିପ୍ତ କରାଯାଇଛି । ସଂଳାପ ଅପେକ୍ଷା ସଂଗୀତ ଅଧିକ ଗୁରୁତ୍ୱ ପାଇଛି ।

**ନାଟକ :**

ଗୀତିନାଟକର ସଫଳତା ପରେ ଗୋପାଳ ଛୋଟରାୟ ଚିତ୍ରନାଟ୍ୟ ପାଇଁ 'ବାବୁ ଚନ୍ଦ୍ରମଣି' ଶୀର୍ଷକରେ ମୂଳ ଗଳ୍ପକୁ ଆଉଥରେ ରୂପାନ୍ତର କଲେ । କିନ୍ତୁ ଦୁଃଭାଗ୍ୟ ତାହା ହୋଇ ପାରିନଥିଲା । ପରେ ଗୋପାଳବାବୁ ୧୯୯୨ ମସିହାରେ ପ୍ରସ୍ତୁତ ପାଣ୍ଡୁଲିପିଟିକୁ ମଞ୍ଚନାଟକ ଭାବେ ପୁସ୍ତକ ଆକାରରେ ପ୍ରକାଶ କଲେ । ଫକୀର ମୋହନଙ୍କ ଗଳ୍ପର ଏଇଟି ଏକ ସାଂପ୍ରସାରିତ ରୂପ । ଚନ୍ଦ୍ରମଣି ବାବୁଙ୍କ ଜମିଦାରୀ ଖାନ୍‌ଦାନୀର ଚିତ୍ର ସହିତ ପିତା ଶ୍ୟାମ ପଟ୍ଟନାୟକ ଓ ଦୋଳପୂର୍ଣ୍ଣମୀ ଅବସରରେ ଜମିଦାରୀ ଘରେ ଯେଉଁ ଆଦତ କାଇଦା ଚଳେ ତାହାର ମଞ୍ଚ ଅବତାରଣା କରାଯାଇଛି । ଏ ସମସ୍ତ Flash back ଶୈଳୀ ମାଧ୍ୟମରେ ବାବୁଙ୍କ ସ୍ମୃତି ଚାଳନା ସହ ଦେଖାଇ ଦିଆଯାଇଛି । ନାଟକର ଆରମ୍ଭ ମଧ୍ୟ ବାବୁଙ୍କ ନିକଟରୁ ହୋଇଛି ।

**ମୂଳ କାହାଣୀ ଓ ରୂପାନ୍ତରିତ ନାଟକରେ ସୂକ୍ଷ୍ମ ପ୍ରଭେଦ :**

ଫକୀରମୋହନଙ୍କ କାହାଣୀକୁ ଦୁଇ ନାଟ୍ୟକାର ରୂପାନ୍ତରିତ କରିବା ସମୟରେ ଅନେକ ଦିଗରୁ ସ୍ୱତନ୍ତ୍ର କରି ଦେଖାଇବା ପାଇଁ ଚାହିଁଛନ୍ତି । ନିମ୍ନରେ ସେ ସମସ୍ତ ଦିଗ ଗୁଡ଼ିକୁ ଆଲୋଚନା କରାଗଲା ।

**କାହାଣୀ :**

ଫକୀରମୋହନ "ପେଟେଣ୍ଟ ମେଡ଼ିସିନ୍" ଗଳ୍ପକୁ ଗୋବିନ୍ଦ ଚନ୍ଦ୍ର ଶୂରଦେଓ ଫାର୍ସର ରୂପଦେବା ସମୟରେ ମୂଳ କାହାଣୀକୁ ସଂପୂର୍ଣ୍ଣ ଅନୁସରଣ କରି ନାହାଁନ୍ତି । ଚନ୍ଦ୍ରମଣି ବାବୁ ତାରାବାଇ ନିକଟକୁ ଯିବାବେଳେ ବଂଧୁ ଧନୁର୍ଦ୍ଧର ମହାନ୍ତି ଦେଖା ହୁଅନ୍ତି । ଉଭୟେ ତାରାବାଈର ଆଖଡ଼ା ଘରେ ମଉଜମସ୍ତି କରିବା କଥା ଫାର୍ସରେ ବର୍ଣ୍ଣିତ ହୋଇଛି । ତାରାବାଈ ପ୍ରସଙ୍ଗରେ ଅଧିକ ବର୍ଣ୍ଣନା କରିବାକୁ ଯାଇ ଶୂରଦେଓ ତାକୁ ବରଯାତ୍ରୀ ପାର୍ଟିରେ ନୃତ୍ୟ କରିବା ପ୍ରସଙ୍ଗକୁ ନେଇଅଛନ୍ତି । ଏଥିସହିତ ତାରାବାଈର ବିଶ୍ୱସ୍ତ ପରିଚାରିକା (ପଦୀ) ରହିଥିବା କଥା ଶୂରଦେଓଙ୍କ କାହାଣୀରେ ରହିଛି । 'ଶ୍ରୀମତୀ ସଂମାର୍ଜନୀ'ର ନାଟ୍ୟକାର ଗୋପାଳ ଛୋଟରାୟ ଅବିକଳ ନ ହେଲେ ବି ଊଣା ଅଧିକେ ଫକୀରମୋହନୀୟ କାହାଣୀକୁ ଗ୍ରହଣ କରିଛନ୍ତି । ଗୀତିନାଟ୍ୟ ଧର୍ମ ଅନୁଯାୟୀ ଅନେକ ସଂଳାପ ଗୀତ ମାଧ୍ୟମରେ ରଚନା ହୋଇଥିବା ବେଳେ ବାବୁଙ୍କ ଭଦ୍ରକିଆ ଟୋକା ନୋକାର ଭେଟ, ଚିଠି ଦେବା ପ୍ରସଙ୍ଗ ଓ ଉସ୍‌ମାନ ତାରାର ବିବରଣୀ ପ୍ରଦାନ ଅତିରଞ୍ଜିତ ହୋଇଛି ।

ମଞ୍ଚନାଟକ 'ବାବୁ ଚନ୍ଦ୍ରମଣି'ର କାହାଣୀ ଫକୀରମୋହନଙ୍କ ଗଳ୍ପର ଏକ ବିସ୍ତାରିତ ରୂପ । ବାବୁଙ୍କର କଲେଟିରେ ଚାକିରିର ବିବରଣୀ, କଟକ ରହଣୀ ସମୟରେ ଉସ୍‌ମାନ ତାରା ସହିତ ଭେଟ, ଗାଁ ଜମିଦାର୍ ଖାନ୍‌ଦାନିର ଚିତ୍ର ଆଦି ନାଟକରେ ସ୍ଥାନ ପାଇଛି । ଏଥିସହିତ ଉସ୍‌ମାନ ତାରାର ସୁସଜ୍ଜିତ ବୈଠକଖାନା, ପରିଚାରକ-ପରିଚାରିକା, ସଂଗୀତ ପ୍ରତିଯୋଗିତାରେ ଯୁଥିକା ବାଈଠାରୁ ଉସ୍‌ମାନତାରାର ବିଜୟ ଆଦି

ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । ଯାହା ମୂଳ କାହାଣୀରେ ନାହିଁ ।

**ସଂଳାପ :**

ତିନୋଟି ଯାକ ରୂପାନ୍ତରିତ ନାଟକର ସଂଳାପ ପାତ୍ରମୁଖୀ ହୋଇପାରିଛି । ଶୂରଦେଓଙ୍କ ସଂଳାପ ରଚନା ଅନେକ ସ୍ଥଳେ ଦୀର୍ଘ ହୋଇଥିବା ବେଳେ, ଗୋପାଳ ଛୋଟରାୟ ସଂକ୍ଷିପ୍ତ ସଂଳାପ ପ୍ରୟୋଗ କରିଛନ୍ତି । 'ଶ୍ରୀମତୀ ସଂମାର୍ଜନୀ' ଗୀତିନାଟ୍ୟର ଅନେକ ସଂଳାପ ଗୀତ ମାଧ୍ୟମରେ ଶ୍ରୋତାମାନଙ୍କୁ ଆନନ୍ଦ ଦେଇପାରିଛି । ଏଠାରେ ଦୁଇଟି ଉଦାହରଣ ଦିଆଗଲା ଯେଉଁଥିରେ କି ଶୂରଦେଓ ଓ ଗୋପାଳ ଛୋଟରାୟଙ୍କ ସଂଳାପ ଚୟନକୁ ବିଚାର କରାଯାଇଛି ।

"ସୁଲୋଚନା ହେଲା, ଆଉ ଗୋଟାଏ କଅଣ ପୁଣି ନୂଆ ପ୍ରେମ ବାହାରିଲାଣି, ସେଇ ଯେଉଁ ଗଞ୍ଜେଇ ମଦ, ନିଆଁ ଚୁଲି, ପାଉଁଶ ନିଶାଗୁଡ଼ାକୁ ଖାଇଥିଲ, ତାର ଗୁଣ ବାହାରୁଛି ଏବେ, ନିଶାର କ'ଣ ଉଣାଗୁଣ, ଏ ସଂସାର ଯାକର ରୋଗ ଆସି ଦିହରେ ପଶିବ । ଏଣେ ତିନି ତିନି ଜଗାରେ ଚାକରି ହେଲା, ଗଲା । ଲୋକେ, କେତେ ଛି, ଛା କଲେ, କେତେ ଟଙ୍କା କୁଆଡ଼େ ପାଣିରେ ପଡ଼ିଲା । ଗଲା ଚାକିରି ଯାଉ, ଟଙ୍କା ଯାଉ । ଯା ହେବାର ତ ହେଲା, ଏଣିକି ଦିହଟା ଭଲା ଟିକିଏ ସୁଧୁରି ଯାଉ । ଏବେ ପୁଣି କ'ଣ ସେହି ପୁରୁଣା ଫିସାଦ ବାହାରିଲାଣି ।"

(ଶୂରଦେଓଙ୍କ କାନ୍‌ଭାସ - ପୃ-୨୫୯)

"ସୁଲୋଚନା ମୁଁ ମରିଯାଏଟି ! ବୁଝିଲ, ମତେ ଜଣାପଡୁଛି ସେଇ ଯେଉଁ ନିଆଁ ପାଉଁଶ ନିଶା ପାଣି ଗୁଡ଼ାକ ଗିଳୁଥିଲ ଏ ତାରି ଫଳ ।" (ବାବୁ ଚନ୍ଦ୍ରମଣି - ପୃ-୮୨)

ଉଭୟ ସଂଳପରେ ସୁଲୋଚନା ଦେବୀଙ୍କ କଥାକୁ ନିଆଯାଇଛି । ଶୂରଦେଓଙ୍କ ସଂଳାପ ଅତି ଦୀର୍ଘ ହୋଇଥିବା ବେଳେ, ଗୋପାଳ ଛୋଟରାୟ ଆବଶ୍ୟକତା ଅନୁଯାୟୀ ସଂଳାପ ବ୍ୟବହାର କରିଛନ୍ତି । ଯେଉଁଠିକି ଫକୀରମୋହନ ସୁଲୋଚନାଙ୍କ ଏହି ଉକ୍ତିକୁ ଅତି ସଂକ୍ଷିପ୍ତ ଆଉ ବ୍ୟଞ୍ଜନାତ୍ମକ ରୂପ ଦେଇଛନ୍ତି ।

**ଚରିତ୍ର :**

ଚରିତ୍ର ଚିତ୍ରଣ ହେଉଛି ନାଟକର ପ୍ରଧାନ ବିଷୟ । ଏ ଦୃଷ୍ଟିରେ ଦେଖିଲେ ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ 'ତାରାବାଈ ଫାର୍ସ'ରେ ସର୍ବମୋଟ ସ୍ତ୍ରୀ ଓ ପୁରୁଷ ଚରିତ୍ର ମିଶାଇ ୧୨ ଗୋଟି ଚରିତ୍ର ଚୟନ କରିଥିବା ସ୍ଥଳେ, "ଶ୍ରୀମତୀ ସଂମାର୍ଜନୀ"ରେ ଚାରିଗୋଟି ଚରିତ୍ରର ଅବତାରଣା କରାଯାଇଛି । 'ଉସ୍‌ମାନତାରା'ର ଚାରିତ୍ରିକ ମୂଲ୍ୟାୟନ ନ ହୋଇ ତା'ର ନାମକୁ ଅଧିକ ଗୁରୁତ୍ୱାରୋପ କରାଯାଇଛି, ସୁଲୋଚନା ଦେବୀଙ୍କ କର୍ତ୍ତୃତ୍ୱ ଜାରି ଅଧିକ ସ୍ପଷ୍ଟ ହୋଇଛି । ସେହିପରି 'ବାବୁ ଚନ୍ଦ୍ରମଣି' ନାଟକରେ ଗୋପାଳ ଛୋଟରାୟ ୧୦ ଗୋଟି ଚରିତ୍ରର ଅବତାରଣା କରିଛନ୍ତି । ଯେତେବେଳେ କି ମୂଳ ଗଳ୍ପରେ ସର୍ବମୋଟ ସାତଗୋଟି ଚରିତ୍ର ରହିଛି ।

**ଅଙ୍କ ଓ ଦୃଶ୍ୟର ବିଭାଜନ :**

ନାଟକରେ ଦୃଶ୍ୟ-ଅଙ୍କର ବିଭାଜନ ନାଟ୍ୟକାର ପାଇଁ ଏକ ପ୍ରମୁଖ କଥା ମନେ ହୋଇଥାଏ । ରୂପାନ୍ତରିତ ତିନୋଟି ନାଟକରେ 'ତାରାବାଈ ଫାର୍ସରେ ଦଶଟି ଦୃଶ୍ୟର ପରିକଳ୍ପନା ହୋଇଥିବା ସ୍ଥଳେ, 'ଶ୍ରୀମତୀ ସଂମାର୍ଜନୀ'ରେ ସାତଟି ଦୃଶ୍ୟ ଏବଂ 'ବାବୁ ଚନ୍ଦ୍ରମଣି' ନାଟକଟି ଯେହେତୁ ଚିତ୍ରନାଟ୍ୟ ପାଇଁ ପ୍ରସ୍ତୁତ ହୋଇଥିଲା, ସେଥିପାଇଁ ଦୃଶ୍ୟ ଅଙ୍କର ସୂଚନା ନାହିଁ । ବରଂ ଏହା ସ୍ଥଳେ ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ନାମରେ ଦୁଇଟି ବିଭାଗ ରହିଛି ।

**ମଞ୍ଚାୟନ ପ୍ରତି ଗୁରୁତ୍ୱ :**

ନାଟକ ଅଭିନୟ ପାଇଁ ମଞ୍ଚର ଆବଶ୍ୟକତା ରହିଛି । ଏହି ଦୃଷ୍ଟିରୁ 'ତାରାବାଈ ଫାର୍ସ'ରେ ଦୁଇଟି ସେଟ୍‌ର ପରିକଳ୍ପନା ସହ 'ଶ୍ରୀମତୀ ସଂମାର୍ଜନା' ଗୀତିନାଟ୍ୟରେ ଗୋଟିଏ ସେଟ୍ (ବାବୁଙ୍କ କଟକସ୍ଥ ବଙ୍ଗଳା)ର ପରିକଳ୍ପନା ହୋଇଛି । ଏଥିସହ 'ବାବୁ ଚନ୍ଦ୍ରମଣି' ନାଟକଟିରେ ତିନୋଟି ସେଟ୍ (ବାବୁଙ୍କ କଟକସ୍ଥ ଘର, ତାରାବାଈର ଆଖଡ଼ା ଶାଳା ଏବଂ ଗାଁ ପରିସରରେ ଥିବା ଜମିଦାର ବଙ୍ଗଳା)କୁ ସେଟ୍ ଭାବେ ନିଆଯାଇଛି । ଏହା ସାଙ୍ଗକୁ ମାଦକ ଦ୍ରବ୍ୟ, ସୁଲୋଚନା ଦେବୀଙ୍କ ଝାଡୁ ଏବଂ ବାବୁଙ୍କ ନିଶ ଏ ସମସ୍ତ ଉପଯୋଗୀୟ ଉପକରଣ ଭାବେ ପ୍ରତ୍ୟେକ ନାଟକରେ ନିଆଯାଇଛି ।

**ନାମକରଣରେ ଗୁରୁତ୍ୱ ଓ ବିବିଧତା :**

କୃତିଟିକୁ ପରିଚୟ ପ୍ରଦାନ କରେ ନାମକରଣ । ଏ ଦୃଷ୍ଟିରୁ ଗୋବିନ୍ଦ ଚନ୍ଦ୍ର ଶୂରଦେଓ ଫକୀରମୋହନଙ୍କ ନାମକରଣକୁ ଅପରିବର୍ତ୍ତିତ ରଖି ପାରିଛନ୍ତି କିଛି ମାତ୍ରାରେ । ଗୋପାଳ ଛୋଟରାୟଙ୍କ 'ଶ୍ରୀମତୀ ସଂମାର୍ଜନୀ' ସୁଲୋଚନା ଦେବୀ ବା ଝାଡୁ ମୁଠାର ଗୁରୁତ୍ୱକୁ ଦର୍ଶାଉ ଥିବାବେଳେ, 'ବାବୁ ଚନ୍ଦ୍ରମଣି' ନାଟକରେ ବାବୁଙ୍କ ଖାମ୍‌ଖିଆଲି, ବିଳାସବ୍ୟସନ, ଜମିଦାର ପଣିଆ ଆଦି ଗୁରୁତ୍ୱ ପାଇଛି । ଯେଉଁଥିପାଇଁ ନାମକରଣ ବାବୁଙ୍କୁ କେନ୍ଦ୍ର କରିଛି । ଗଳ୍ପ ଓ ରୂପାନ୍ତର ନାଟକରେ ଶବ୍ଦ ଓ ବାକ୍ୟସ୍ତରରେ ପ୍ରଭେଦ – ଫକୀରମୋହନଙ୍କ ଗଳ୍ପକୁ ରୂପାନ୍ତର କରିବା ସମୟରେ

ଲେଖକମାନେ ଅନେକ ଶବ୍ଦ ଓ ବାକ୍ୟକୁ ସାଂପ୍ରତିକତା ପରିପ୍ରେକ୍ଷୀରେ ପ୍ରୟୋଗ କରିବାକୁ ଚେଷ୍ଟା କରିଛନ୍ତି । ସେଗୁଡ଼ିକ ନିମ୍ନମତେ ସୂଚାଇ ଦିଆଗଲା ।

ଫକୀରମୋହନ ଯେଉଁ ସ୍ଥାନରେ 'ମୁଛ' ଶବ୍ଦର ପ୍ରୟୋଗ କରିଛନ୍ତି । ଶୂରଦେଓ ଅବିକଳ ଭାବେ 'ମୁଛ' ଶବ୍ଦକୁ ଗ୍ରହଣ କରିଥିବା ବେଳେ; ଗୋପାଳ ଛୋଟରାୟ ତାଙ୍କ ଦୁଇଟିଯାକ ନାଟକରେ 'ନିଶ' ଶବ୍ଦକୁ ଗୁରୁତ୍ୱ ଦେଇଛନ୍ତି । "ପଟ୍ଟନାୟକେ" ସ୍ଥାନରେ ଉଭୟ ନାଟ୍ୟକାର 'ପଟ୍ଟନାୟକ' ଶବ୍ଦକୁ ଗ୍ରହଣ କରିଛନ୍ତି । 'ଉସ୍‌ମାନ ତାରା' ନାମଟିକୁ ଗୋପାଳ ଛୋଟରାୟ ଅବିକଳ ନେଇଥିବା ବେଳେ, ଶୂରଦେଓ 'ତାରାବାଈ' ନାମକୁ ନେଇଛନ୍ତି ।

ଫକୀରମୋହନଙ୍କ 'ସଡ଼କ' ଶବ୍ଦର ବ୍ୟବହାରକୁ ଉଭୟ ନାଟ୍ୟକାର ଭିନ୍ନ ଭିନ୍ନ ରୂପରେ ବ୍ୟବହାର କରିଛନ୍ତି । ଶୂରଦେଓ 'ରାଜପଥ' ଶବ୍ଦକୁ ଉପଯୁକ୍ତ ମନେ କରିଥିବା ସ୍ଥଳେ ଗୋପାଳ ଛୋଟରାୟ 'ରାସ୍ତା' ଶବ୍ଦର ବ୍ୟବହାର କରିଛନ୍ତି । ଅନୁରୂପ ଭାବେ 'ତିର୍ଲାଲୋକ' ଶବ୍ଦଟି ଶୂରଦେଓଙ୍କ ରଚନାରେ 'ମାଇକିନିଆ' ରୂପେ ଓ ଗୋପାଳ ଛୋଟରାୟ 'ସ୍ତ୍ରୀ ଲୋକ' ଭାବେ ନେଇ ଅଛନ୍ତି ।

ବାକ୍ୟ ସ୍ତରରେ ଫକୀରମୋହନ ଓ ଦୁଇ ନାଟକାରଙ୍କ ପ୍ରଭେଦଗୁଡ଼ିକୁ ଦେଖାଇ ଦିଆଯାଇପାରେ ।

"ସାଆନ୍ତାଣୀଙ୍କ ଟାଣୁଆ ହୁକୁମ୍ ଜାରି' ଏହି ବାକ୍ୟକୁ ଗୋପାଳ ଛୋଟରାୟ ଅନୁରୂପ ଭାବେ ନ ହେଲେ ବି କିଛି ପରିମାଣରେ ଗ୍ରହଣ କରିଛନ୍ତି । 'ବାବୁ ଚନ୍ଦ୍ରମଣି' ନାଟକରେ 'ସାଆନ୍ତାଣୀଙ୍କ ହୁକୁମ୍ ହୋଇଛି' ରହିଥିବା ବେଳେ, 'ଶ୍ରୀମତୀ ସଂମାର୍ଜନୀ' ଗୀତିନାଟ୍ୟରେ 'ହୁକୁମ୍ କରିଛି ଜାରି' ବୋଲି ଲେଖିଛନ୍ତି । ଶୂରଦେଓ ସେହି ସ୍ଥାନରେ ସିଧାସଳଖ 'ପଦାକୁ ଜମା ଯିବାକୁ ଦେବନାହିଁ, ବୋଲି ଲେଖିଛନ୍ତି । 'ପାଖ ସଡ଼କରେ ବୁଲିବାର' ସ୍ଥାନରେ ଶୂରଦେଓ 'ପୁଣି ଦାଣ୍ଡ ଦୁଆରେ ବୁଲୁଥିବି' ଲେଖିଥିବା ବେଳେ ଗୋପାଳ ଛୋଟରାୟ 'ଦାଣ୍ଡ ଦୁଆରେ ବୁଲୁଥିବ' ବୋଲି ଲେଖିଛନ୍ତି । 'ଯେମିତି ସେ ଟୋକାର ପାଖ ପାଖ ହେଲେ' ସ୍ଥାନରେ ଉଭୟ ନାଟ୍ୟକାର 'କାହ୍ନୁଆର ନିକଟସ୍ଥ ହେବା' ବା 'ନୋକାର ପାଖକୁ ଯିବା' ପ୍ରସଙ୍ଗ ଲେଖିଛନ୍ତି । 'ଚିଠିଖଣ୍ଡିକ ପଢ଼ିସାରି ଟିକି ଟିକି କରି ଛିଣ୍ଡାଇ ପକାଇଲେ' ସ୍ଥାନରେ ଉଭୟ ନାଟ୍ୟକାର 'ଚିଠିକୁ ଲୁଚାଇ ଦେଲେ' ବୋଲି ଲେଖିଛନ୍ତି । 'ଦେହ ଖୁବ୍ ଅଛା ହୋଇଯିବ' ସ୍ଥାନରେ 'ଦେହ ଭଲ ହୋଇଯିବ' ବୋଲି ଲେଖା ରହିଛି ।

'ତା ଉପରେ ବି ଅସରା ପରି ଛାଞ୍ଚୁଣୀ ପଡୁଛି', ସ୍ଥାନରେ ଗୋବିନ୍ଦ ଶୂରଦେଓ 'ପାଖରେ ପଡ଼ିଥିବା ଛାଞ୍ଚୁଣୀ ଧରି ପ୍ରହାରିଲେ' ଲେଖିଥିବା ବେଳେ ଗୋପାଳ ଛୋଟରାୟ 'କମ୍ବଳ-ଫୋପାଡ଼ି ସାଆନ୍ତାଣୀ ଝପଟୀ ଉଠିଲେ ଓ ଛାଞ୍ଚୁଣୀ ମୁଠାରେ ପିଟିଲେ' ବୋଲି ଲେଖା ରହିଛି ।

ଏଠାରେ ଫକୀରମୋହନ ଭାଷା, ଶବ୍ଦ ଚୟନକୁ ଦେଖାଇ ଦିଆଯିବା ସହ ରୂପାନ୍ତର ନାଟକର ଭାଷା କିପରି ହୋଇଛି ତାହା ଦର୍ଶାଇ ଦିଆଗଲା । ଫକୀରମୋହନଙ୍କ ବର୍ଣ୍ଣନାରେ ବହୁ ଉପମା ଓ ଚିତ୍ରଧର୍ମୀତା ରହିଥିବା ସ୍ଥଳେ ନାଟକଗୁଡ଼ିକର ଭାଷା ଯୁଗୀୟ ରୁଚିକୁ ବହନ କରିଛି ।

**କାହାଣୀ ଭିତ୍ତିରେ ଅପରିବର୍ତ୍ତନୀୟ ଉପାଦାନ ବା ସାମ୍ୟଭାବ**

ଫକୀରମୋହନଙ୍କ ଗଳ୍ପ ରୂପାନ୍ତର ସମୟରେ ନାଟ୍ୟକାରମାନେ ଯେଉଁ କେତୋଟି ଉପାଦାନ ବା କଥାକୁ ଅବିକଳ ଗ୍ରହଣ କରିଛନ୍ତି । ସେଗୁଡ଼ିକ ହେଲା –

(କ) ଉସ୍‌ମାନତାରାର ଚିଠି ପ୍ରେରଣ ପ୍ରସଙ୍ଗ ସବୁ କାହାଣୀରେ ସମାନ ରହିଛି ।

(ଖ) ସୁଲୋଚନା ଦେବୀଙ୍କ ଛାଞ୍ଚୁଣୀ ମୁଠାରେ ପ୍ରହାର ।

(ଗ) ବାବୁଙ୍କର କମ୍ବଳ ଘୋଡ଼ାଇ ହୋଇ ଧାରଣା ଦେବା ।

(ଘ) ମକରାକୁ ସାଆନ୍ତାଣୀ ଭ୍ରମବଶତଃ ବାବୁ ମନେକରିବା ।

(ଙ) ପ୍ରତ୍ୟେକଟିରେ ପ୍ରମୁଖ ଚରିତ୍ରମାନଙ୍କର ନାମକରଣରକୁ ଅପରିବର୍ତ୍ତନୀୟ ରଖାଯାଇଛି ।

(୧) "ବାହାବା କେଡ଼େ ମଜହଦାର । ମଦ, ଗଞ୍ଜା, ଗୁଣ ଯେ ଜାଣେ ସେଇତ ସମାଜଦାର" ଏ ପଂକ୍ତିଟି ସମସ୍ତ କ୍ଷେତ୍ରରେ ଅବିକଳ ରହିପାରିଛି ।

**ରୂପାନ୍ତର ସମୟରେ ନାଟ୍ୟକାରଙ୍କୁ ପ୍ରେରଣା ଯୋଗାଉଥିବା ପ୍ରସଙ୍ଗ :**

ଗୋବିନ୍ଦ ଶୂରଦେଓ ଉସ୍‌ମାନତାରା ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । କାରଣ ତାଙ୍କ ରଚନାଟି ଫାର୍ସ ଶ୍ରେଣୀୟ । ସେଥିପାଇଁ ଫକୀରମୋହନଙ୍କ ନାମମାତ୍ର ଚରିତ୍ର 'ଉସ୍‌ମାନତାରା' ଗୋବିନ୍ଦ ଶୂରଦେଓଙ୍କ ଫାର୍ସର ମୁଖ୍ୟ ଚରିତ୍ର । ଗୋପାଳ ଛୋଟରାୟ ଫକୀରମୋହନଙ୍କ ଗଳ୍ପରେ ବର୍ଣ୍ଣିତ ପୂଜାରୀ ପଣ୍ଡାର ସଂଳାପକୁ ଭିତ୍ତିକରି ଭିନ୍ନ ଭିନ୍ନ ଦୁଇଟି ନାଟକ ଲେଖିଛନ୍ତି । ଯେପରି – "ଆମ ସାଆନ୍ତାଣୀ ଗୋଟିଏ ଅଦ୍ଭୁତ୍ ସ୍ତ୍ରୀ, ସ୍ୱାମୀ ଉପରେ ଭକ୍ତିର ସୀମା

ନାହିଁ । ବାବୁ ଟିକିଏ ବାଧିକି ପଡ଼ିଲେ ଆପେ ନ ଖାଇ ନ ପିଇ ଦିନଯାକ ପାଖରେ ବସି ସେବା କରୁଥିବେ । "ଯା ଉପରେ ଗୋପାଳ ଛୋଟରାୟଙ୍କ 'ବାବୁ ଚନ୍ଦ୍ରମଣି' ନାଟକ ଛିଡ଼ା ହୋଇଛି ।

"ସାଆନ୍ତାଣୀଟି ବଡ଼ ଭଲ, ବଡ଼ ଲୋକ ଝିଅ, ବଡ଼ ଲୋକ ବୋହୂ, ମନ ବି ସେହିପରି ବଡ଼ । ମାତ୍ର ଟିକିଏ ରାଗି ।" ମୁହଁଟା ବଡ଼ କଡ଼ା, 'ଶ୍ରୀମତୀ ସଂମାର୍ଜନୀ' ଗୀତିନାଟ୍ୟର ପ୍ରମୁଖ ଆୟୁଧ ଏ ସଂଳାପ ଟିକକ ।

**ଉପସଂହାର :** ମୋଟା ମୋଟି ଦେଖିବାକୁ ଗଲେ ଗଳ୍ପର ନାଟ୍ୟରୂପ ଦେବା ସମୟରେ ନାଟ୍ୟକାରମାନେ କ୍ଷେତ୍ର ବିଶେଷରେ ନିଜସ୍ୱ ସ୍ୱାଧୀନତାକୁ ପ୍ରାଧାନ୍ୟ ଦେଇଥାନ୍ତି । ଯାହା 'ପେଟେଣ୍ଟ ମେଡ଼ିସିନ୍'ର ନାଟ୍ୟ ରୂପାନ୍ତରକୁ ଦେଖିଲେ ସହଜେ ମନେହୁଏ । ଫକୀରମୋହନଙ୍କ ଗଳ୍ପର ଯେପରି ପାଠକୀୟତା ରହିଛି, ଠିକ୍ ସେହିପରି ଗଳ୍ପଟିର ରୂପାନ୍ତର ହେଲାବେଳେ ଫକୀରମୋହନ ଆଉ ଦୃଶ୍ୟ ନ ହୋଇ ଉଭୟ ନାଟ୍ୟକାର ଶ୍ରଦ୍ଧାଭାଜନ ହୋଇ ପାରିଛନ୍ତି । ଗଳ୍ପର ଗଠନ ଦୃଷ୍ଟିରୁ ଫକୀରମୋହନ ତାଙ୍କ ସ୍ଥାନରେ ସ୍ୱତନ୍ତ୍ର ଥିବାବେଳେ; ତିନୋଟି ଆଙ୍ଗିକରେ ରଚିତ ନାଟକଗୁଡ଼ିକ ମଧ୍ୟ ନିଜ ନିଜର ସ୍ୱାତନ୍ତ୍ର୍ୟ ବଜାଇ ରଖିଛନ୍ତି । ଏହାର ପ୍ରମୁଖ କାରଣଟି ହେଲା ମୂଳ ଗଳ୍ପରେ ରହିଥିବା ଆବେଦନ । ଯାହା ପ୍ରତ୍ୟେକଟି ଫର୍ମକୁ ଯାଇ ମଧ୍ୟ ସ୍ୱତନ୍ତ୍ର ହୋଇପାରିଛି ।

**ସହାୟକ ଗ୍ରନ୍ଥସୂଚୀ :**


୧) ଛୋଟରାୟ, ଗୋପାଳ, ବାବୁ ଚନ୍ଦ୍ରମଣି, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ କଟକ-୭୫୩୦୦୨, ପ୍ରଥମ ସଂସ୍କରଣ-୧୯୯୨ ।

୨) ଛୋଟରାୟ, ଗୋପାଳ, ଶ୍ରୀମତୀ ସଂମାର୍ଜନୀ, ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ, ଦ୍ୱିତୀୟ ସଂସ୍କରଣ, ଜାନୁଆରୀ ୧୯୭୬ ।

୩) ଦାଶ, ଦେବେନ୍ଦ୍ର କୁମାର, (ସଂପାଦନା, ଫକୀରମୋହନ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ) ଗ୍ରନ୍ଥ ମନ୍ଦିର, ସୂତାହାଟ, କଟକ-୧, ଦ୍ୱିତୀୟ ସଂସ୍କରଣ-୨୦୧୨ ।

୪) ମିଶ୍ର, ଜ୍ଞାନୀ ଦେବାଶିଷ, (ସଂ) ଶୂରଦେଓଙ୍କ କାନଭାସ୍, ନୂପୁର ୧୯୦୫ ଶତାବ୍ଦୀ ନଗର, ଭୁବନେଶ୍ୱର, ପ୍ରଥମ ପ୍ରକାଶ, ଏପ୍ରିଲ୍-୨୦୧୨ ।



ଫକୀରମୋହନ ବିଶ୍ୱବିଦ୍ୟାଳୟ

ମୋ.: ୭୫୦୪୧୦୦୮୧୮